# Akashvani, Sambalpur

## SAMBALPURI NEWS EVENING BULLETIN

## 29 August 2026-7.02- 7.12 pm.

---

୧- ଆକାଶବାଣୀର୍ 'ମନ୍ କି ବାତ୍' କାର୍ଯ୍ୟକ୍ରମ୍‌ଥି ଆଏବାକାଏଲ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଜ୍ୟସ୍ତରୀୟ ଡି.ଜି.ପି. / ଆଇ.ଜି.ପି. ସମ୍ମିଳନୀଥି ଆଇନ୍ ଶୃଙ୍ଖଳା ଆଉ ଆଭ୍ୟନ୍ତରୀଣ ସୁରକ୍ଷା ବାବ୍‌ଦେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ଖେଲ୍‌ବା ଭାରତ୍- ଜିତ୍‌ବା ଭାରତ୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ କ୍ରୀଡ଼ା ଦିବସ୍ ।

ଆଉର୍

୪- ଉତର୍ ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଘନୀଭୂତ ।

- ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ହେଇପାରେ ଜବର୍ ବର୍ଷା- ସୂଚ୍‌ନା ଦେଲା ପାଣିପାଗ୍ ବିଭାଗ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍‌ର ସବୁ ନେଟ୍‌ୱାର୍କ, ଆକାଶ୍‌ବାଣୀ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ରାଜ୍ୟସ୍ତରୀୟ ସମ୍ମିଳନୀ          ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱରର ପୁଲିସ ଭବନ୍ ନ ପୁଲିସ ମହାନିର୍ଦ୍ଦେଶକ ଆର୍ ଆରକ୍ଷୀ ମହାନିରୀକ୍ଷକ ମାନ୍‌କର୍ ରାଜ୍ୟସ୍ତରୀୟ ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟର୍ ଆଇନ୍ ଶୃଙ୍ଖଲା, ଆଭ୍ୟନ୍ତରୀଣ ସୁରକ୍ଷା ଆଉ ସାଇବର୍ ଅପରାଧ୍ ବାବ୍‌ଦେ ସମୀକ୍ଷା କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅପରାଧ୍ ନିୟନ୍ତ୍ରଣ୍ ଆଉ ସୁରକ୍ଷା ବ୍ୟବସ୍ଥାକେ ଅଏତ୍‌କା କ୍ରୀୟାଶୀଳ କର୍‌ବାର୍ ଲାଗି ଜିରୋ ଟଲ୍‌ରେନ୍ସ ନୀତି, ଦଣ୍ଡବିଧାନ୍ ହାର ବଢ଼ାବାର୍, ନିଶାମୁକ୍ତ ଓଡ଼ିଶା, ସାମୁଦ୍ରିକ ସୁରକ୍ଷା, ସାଇବର୍ ସୁରକ୍ଷା, ଗୁଇନ୍ଦା ବିଭାଗ୍‌ର ସୁଦୃଢ଼ିକରଣ୍ ବାଗିର୍ ୧୦ ଟା ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ୫୭୫ କିଲୋମିଟର୍ ତଟରେଖାର ସୁରକ୍ଷା, ସାଇବର୍ ଅପରାଧ୍ ଆଉ ଡାର୍କୱେବ୍ ଉପ୍‌ରେ ନଜର୍, ଥାନାର୍ ଆଧୁନିକୀକରଣ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଥାନାକେ ଆସୁଥିବା ଅଭିଯୋଗ୍‌କାରୀଙ୍କର୍ ସାଙ୍ଗେ ପୁଲିସ୍ ନମ୍ର ଆଉ ସମ୍ବେଦନ୍‌ଶୀଳ ବ୍ୟବହାର୍ କର୍‌ବାର୍ ସହେତେ ବେଆଇନ୍ ଚାନ୍ଦା ଆଦାୟ ଉପ୍‌ରେ କଡ଼ା ପଦକ୍ଷେପ୍ ନେବାର୍‌କେ ଭିଲ୍ କହିଛନ୍ । ସମ୍ମିଳନୀଥି ପୁଲିସ୍ ଅଧିକାରୀମାନେ ନିଷ୍ଠାର୍ ସହେତେ କାମ୍ କରିକରି 'ସୁରକ୍ଷିତ୍ ଓଡ଼ିଶା ସଶକ୍ତ ଓଡ଼ିଶା-ସମୃଦ୍ଧ ଓଡ଼ିଶା' ଗଠନ୍ ଲାଗି କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ

ଆହ୍ୱାନ୍ ଦେଇଛନ୍ । ଇ ସମ୍ମିଳନୀଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ପ୍ରମୁଖ ଯୋଗ୍ ଦେଇଥିଲେ ।

ଜାତୀୟ କ୍ରୀଡ଼ା ଦିବସ୍ ଆର୍ଏନ୍ୟୁ/ କଟକ୍

କିମ୍ବଦନ୍ତୀ ହକି ଖେଲାଲି ମେଜର୍ ଧ୍ୟାନ୍ଚାନ୍ଦ୍ଙ୍କର୍ ଜନ୍ମ ବାର୍ଷିକୀକେ ସୋର୍ କର୍ବାର୍ ଲାଗି ଫି’ ବଛର୍ ଅଗଷ୍ଟ ୨୯ ତାରିଖ୍କେ ଜାତୀୟ କ୍ରୀଡ଼ା ଦିବସ୍ ଭାବେ ପାଲନ୍ କରାଯାଉଛେ । ମେଜର୍ ଧ୍ୟାନ୍ଚାନ୍ଦ୍ଙ୍କର୍ ଅଧିନାୟକତ୍ୱଥି ଭାରତ୍ ୩ ଥର୍ ଲଗାତାର୍ ୧୯୨୮, ୧୯୩୨, ଆର୍ ୧୯୩୬ ମସିହାଥି ହକିଥି ଅଲମ୍ପିକ୍ସ ପଦକ୍ ଜିତିଥିଲା । ଇ ବଛର୍ ଜାତୀୟ କ୍ରୀଡ଼ା ଦିବସ୍ର ଶୀର୍ଷକ୍ ରହିଛେ “ଖେଲ୍ବା ଭାରତ୍, ଜିତ୍ବା ଭାରତ୍” ।

ଜାତୀୟ କ୍ରୀଡ଼ାଦିବସ୍ ଅବ୍ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ମେଜର୍ ଧ୍ୟାନ୍ଚାନ୍ଦ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ଥି ରାଜ୍ୟପାଲ୍ କହିଛନ୍, କ୍ରୀଡ଼ାବିତ୍ମାନ୍କର୍ ନିଷ୍ଠା, ଶୃଙ୍ଖଲା ଆର୍ ଶ୍ରେଷ୍ଠତା ହାସଲ୍ କର୍ବାର୍ ଚେଷ୍ଟା ଦେଶ୍କେ

ନିରନ୍ତର୍ ଗୌରବ୍ ଆନିଦେଇଛେ ଆଉ ଆମର୍ ଯୁଆନ୍ ପିଢ଼ିଙ୍କୁ ଆହୁରି ଉଚ୍ଚଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ପ୍ରେରଣା ଯୁଗଉଛେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ କ୍ରୀଡ଼ା ଦିବସ ଅବ୍‌ସରେ ରାଜ୍ୟର୍ ଲୁକ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଓଡ଼ିଶା ନ ଗୁଟେ ସମୃଦ୍ଧ କ୍ରୀଡ଼ା ସଂସ୍କୃତିର୍ ବାତାବରଣ୍ ସୃଷ୍ଟି କରିକରି ସମୃଦ୍ଧ ଓଡ଼ିଶା-୨୦୩୬ ଆଉ ବିକଶିତ୍ ଭାରତ୍-୨୦୪୭ ର ଲକ୍ଷ୍ୟ ପୁରା କର୍‌ବାର୍‌କେ ଚେଷ୍ଟା ଜାରି ରଖ୍‌ବାର୍‌କେ ହେବା ।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ ଜାତୀୟ  କ୍ରୀଡ଼ା ଦିବସ ଅବ୍‌ସରେ ହପ୍ତାକ କମ୍‌ସେ କମ୍ ଘଂଟେ କ୍ରୀଡ଼ା କ୍ଷେତ୍ର ନ ସମୟ ବିତାବାର୍ ଲାଗି ଦୈନନ୍ଦିନ ଜୀବନ୍‌ଥି ଫିଟ୍‌ନେସ୍‌କେ ସାମିଲ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ସେ କହିଛନ୍...

(ଭଏସ୍ ଓଭର୍- କ୍ରୀଡ଼ାମନ୍ତ୍ରୀ)

ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ପ୍ରମୁଖ କ୍ରୀଡ଼ାବିତ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଜାତୀୟ କ୍ରୀଡ଼ା ଦିବସ୍- ଖେଲାଲି ସମ୍ବର୍ଦ୍ଧିତୟ/ରାଜ୍ୟ ପୁଲିସ୍ ମୁଖ୍ୟାଳୟ

ଜାତୀୟ କ୍ରୀଡ଼ା ଦିବସ୍ ଅବ୍ସରେ ଭୁବ୍ନେଶ୍ୱର୍ର ଡିଜିପି କେମ୍ପ୍ ଅଫିସ୍ ନ ଓଡ଼ିଶା ପୁଲିସ୍ର କୃତୀ ଖେଲାଲିମାନ୍କୁ ସମ୍ବର୍ଦ୍ଧିତ୍ କରାଯାଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ଖେଲାଲିମାନ୍କୁ ସମ୍ବର୍ଦ୍ଧନା ଦେଇକରି ସେମାନ୍କର୍ ନିଷ୍ଠା ଆଉ ପରିଶ୍ରମ୍ର ପ୍ରଶଂସା କରିଥିଲେ ।

ମଧ୍ୟପ୍ରଦେଶ୍ର ଭୋପାଲ୍ ନ ହେଇଥିବା ଜାତୀୟ ଜଳକ୍ରୀଡ଼ା ଚାମ୍ପିଆନ୍ସିପ୍ଥି ଓଡ଼ିଶା ପୁଲିସ୍ ଖେଲାଲିମାନେ ୨ ଟା ସ୍ୱର୍ଣ୍ଣ, ୫ ଟା ରୌପ୍ୟ ଆଉ ଗୁଟେ ବ୍ରୋଞ୍ଜ୍ ପଦକ୍ ଜିତିଥିଲେ ।

ଡିଲରମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା ଆର୍ଏନ୍ୟୁ/ କଟକ୍

ଦେଶେ ଚିନିର୍ ଦାମ୍ ବଢ଼୍ବାବାର୍ନୁ ସାଧାରଣ୍ ଲୁକ୍ଖର୍ ଲାଗି ଚିନି ଯୋଗାଣ୍ ସୁବ୍ୟବସ୍ଥିତ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ ଡିଲର୍ମାନ୍କର୍ ଲାଗି ପଞ୍ଜିକରଣ୍ ବ୍ୟବସ୍ଥାକେ ବାଧ୍ୟତାମୂଳକ୍

କରିଛନ୍ । ନିର୍ଦ୍ଦେଶନାମା ଅନ୍‌ସାରେ ସବୁ ଡିଲର୍‌ମାନ୍‌କୁ ଆଏବା ମାସ ୧୫ ତାରିଖ୍ ତକ୍ ଖାଦ୍ୟ ଆଉ ସାଧାରଣ ବଂଟନ୍ ବିଭାଗ ପୋର୍ଟାଲ୍‌ଥି ପଞ୍ଜିକରଣ୍ କର୍‌ବାର୍ ଲାଗି କୁହାଯାଇଛେ । ଡିଲର୍‌ମାନେ ସମ୍ପୃକ୍ତ ପୋର୍ଟାଲ୍‌ଥି ଦିନ୍‌କ ଚିନି ଷ୍ଟକ୍ ପରିମାଣ୍ ଦାଲଖ୍ କର୍‌ବାର୍‌ଟା ବାଧ୍ୟତାମୂଲକ୍ କରାଯାଇଛେ ।

ଇଂଟରନାଲ ପରୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ଯୁକ୍ତ ଦୁଇ ଶ୍ରେଣୀଥି ପଢୁଥିବା ନିୟମିତ୍ ଛାତ୍ରଛାତ୍ରୀମାନ୍‌କର୍ ସହେତେ ଆଘର୍ ନିୟମିତ ପରୀକ୍ଷାର୍ଥୀମାନେ ଇଂଟର୍‌ନାଲ୍ ପରୀକ୍ଷା ଦେବେ । ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଥରେ ଇଂଟର୍‌ନାଲ୍ ପରୀକ୍ଷା ଦେବାର୍ ଉତ୍‌ରୁ ସେଥି ମିଳିଥିବା ମାର୍କ ୩ ବଛର୍ ଲାଗି ବୈଧ ରହେବା । ୩ ବଛର୍ ଭିତ୍‌ରେ କୃତକାର୍ଯ୍ୟ ନାଇଁ ହେଲେ ଫେର୍‌ଥରେ ଇଂଟର୍‌ନାଲ୍ ପରୀକ୍ଷା ଦେବାର୍‌କେ ହେବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଆଏଜ୍ ହେଇଥିବା ସିଲାବସ୍ କମିଟି ବୈଠକ୍‌ଥି ଇ ନିୟମ୍‌କେ

ଅନୁମୋଦନ୍ ମିଳିଛେ । ୨୦୨୭ ନୁ ଇ ନିୟମ୍ ଲାଗୁ ହେବା ବଲି ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରୀକ୍ଷା ନିୟନ୍ତ୍ରକ ସୂଚ୍ନା ଦେଇଛନ୍ ।

ଆଧାରଭିତିକ ଦେୟ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ଦିନେ ଆଧାରଭିତିକ ଦେୟ ବ୍ୟବସ୍ଥାକେ ବାଧ୍ୟତାମୂଲକ୍ କରାଯିବା । ରାଜ୍ୟ ଅର୍ଥ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌କେ ଇ ବାବ୍‌ଦେ ଜନେଇ ଦିଆଯାଇଛେ । ସୂଚ୍ନା ଅନ୍‌ସାରେ ଯେନ୍ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତା ସହେତେ ଆଧାର୍‌କାର୍ଡ଼ ଜୁଡ଼ି ହେଇଥିବା ସେମାନ୍‌କୁ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ସାହାଜ୍ ଦିଆଯିବା । ୨୦୨୫-୨୬ ବଛର୍ ଲାଗି ହେଇଥିବା ପବ୍ଲିକ୍ ଆକାଉଂଟ୍‌ସ୍ କମିଟିର୍ ସପ୍ତମ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଆଧାର୍ ସଂଯୋଗୀକରଣ୍ ଲାଗି ପ୍ରକୃତ୍ ହିତାଧିକାରୀମାନ୍‌କୁ ଚିହ୍ନଟ୍ କରାଯାଇକରି ବେଆଇନ୍ କାର୍‌ବାର୍‌କେ ପୁରାପୁରି ଅଟ୍‌କାଯାଇପାର୍‌ବା ବଲି କୁହାଯାଇଛେ ।

ସମେଟିଭ ଆସେସ୍‌ମେଂଟ                ଆର୍‌ଏନ୍‌ୟୁ/ କଟକ୍

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସର୍‌କାରୀ ଆଉ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟର୍ ଶିଶୁବାଟିକା ୩ ନୁ ୮ ଶ୍ରେଣୀତକ୍ ସମେଟିଭ୍ ଆସେସ୍‌ମେଂଟ୍‌ର ପହେଲା ପରୀକ୍ଷା ଆଏବା ମାସ ୪ ନମ୍ବର୍ ହପ୍ତାଥି ହେବା । ବିଭାଗ୍ ତର୍‌ଫୁ ଇ ପରୀକ୍ଷା ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ଧାରିଜ୍ ସମିଆ ଭିତ୍‌ରେ ପରୀକ୍ଷା ଶେଷ୍ କର୍‌ବାର୍‌କେ ଓସେପା ତର୍‌ଫୁ ସବୁ ଜିଲ୍ଲାର୍ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବର୍‌ଗଡ୍ ନୋଡ଼ାଲ୍ ସଚିବ                ବର୍‌ଗଡ୍ ସମ୍ବାଦଦାତା

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ସଚିବ ଆଉ ବର୍‌ଗଡ୍ ଜିଲ୍ଲା ନୋଡ଼ାଲ୍ ସଚିବ ଡକ୍ଟର୍ ବିଜୟ କେତନ୍ ଉପାଧ୍ୟାୟ ଆଏଜ୍ ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଳକ୍ ପ୍ରକଳ୍ପ ଆଉ ଅନୁଷ୍ଠାନ୍ ପରିଦର୍ଶନ୍ କରିକରି ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶ୍ରୀ ଉପାଧ୍ୟାୟ ଅଙ୍ଗନବାଡ଼ି କେନ୍ଦ୍ର, ଶୀତଲ୍‌ଭଣ୍ଡାର୍, ସର୍‌କାରୀ ବିଦ୍ୟାଳୟ, ଆଶ୍ରମ୍

ବିଦ୍ୟାଳୟ, ଧନୁଯାତ୍ରା ରଙ୍ଗମହଲ୍, ଗ୍ରାଉଣ୍ଡନଟ୍ ପ୍ରୋସେସିଂ ୟୁନିଟ୍, ହସ୍ପିଟାଲ୍ ଆର୍ ଶିଳ୍ପ ୟୁନିଟ୍ ବୁଲି ଦେଖିଛନ୍ । ପରିଦର୍ଶନ୍ ସମିଆଥି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜୀବିକା, ଶିଳ୍ପବିକାଶ୍ ଆର୍ ସର୍କାରୀ ଯୋଜ୍ନାର୍ ସଫଲ୍ କାର୍ଯ୍ୟାନ୍ୱୟନ୍ ଉପ୍ରେ ସେ ଜୋର୍ ଦେଇଥିଲେ । ଫସଲ୍ ବିବିଧୀକରଣ୍, ଭିତିଭୂମିର୍ ରକ୍ଷଣାବେକ୍ଷଣ୍ ଆର୍ କ୍ଷେତ୍ରସ୍ତରୀୟ ସମସ୍ୟାର୍ ତୁର୍ତି ସମାଧାନ୍ ଲାଗି ଭିଲ୍ ସେ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

ତୈଳଯୁକ୍ତ ଖାଦ୍ୟ ଉପରେ କଟକଣା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ସର୍କାରୀ ଆଉ ଅନୁଦାନ୍ ପ୍ରାପ୍ତ ମହାବିଦ୍ୟାଳୟମାନ୍କର୍ କେଂଟିନ୍ ଆଉ ହଷ୍ଟେଲ୍ ନ ଅଏତ୍କା ତେଲିଆ ଖାଦ୍ୟ ବନାବାର୍ ଉପ୍ରେ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ କଟକ୍ଣା ଜାରି କରାଯାଇଛେ । ଖାସ୍ କରି ଜଲ୍ଖିଆଥି ପୁରୀ, ବରା ଆଉ ଆଲୁଚପ୍ ବାଗିର୍ ଅଏତ୍କା ତେଲିଆ ଖାଦ୍ୟ ନାଇଁ ବନାବାର୍ ଲାଗି ବିଭାଗ୍ ତର୍ଫୁ କୁହାଯାଇଛେ । ସୂଚ୍ନା ଅନ୍ସାରେ ଆମ୍ଦାନୀ ହେଉଥିବା ତେଲ୍ ବଦ୍ଲା ଘି’,

ସୁର୍ସୋ ତେଲ୍ ଆର୍ ବାଦାମ୍ ତେଲ୍ର ବେଭାର୍କେ ପ୍ରୋତ୍ସାହନ୍ ଦେବାର୍ ଉପ୍ରେ ଜୋର୍ ଦିଆଯାଇଛେ । ଛାତ୍ରଛାତ୍ରୀମାନ୍କର୍ ଉତମ୍ ଆଉ ନିରୋଗ୍ ସ୍ୱାସ୍ଥ୍ୟକେ ନଜର୍ଥି ରଖିକରି ଖାଦ୍ୟ ପ୍ରସ୍ତୁତି କ୍ଷେତ୍ରଥି କମ୍ ତେଲ୍ ବେଭାର୍ ଲାଗି ସର୍କାର୍ ପଦକ୍ଷେପ୍ ନେଇଛନ୍ । ସେଆଡ଼େ ମହାବିଦ୍ୟାଳୟର୍ ଜାତୀୟ ସେବା ଯୋଜ୍ନା- ଏନ୍ଏସ୍ଏସ୍ ଆର୍ ଯୁବ ରେଡ଼କ୍ରସ୍ର ସ୍ୱେଚ୍ଛାସେବୀମାନ୍କୁ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ପରମାଣୁ ପରୀକ୍ଷା ବିରୋଧୀ ଦିବସ ଆର୍ଏନ୍ୟୁ/ କଟକ୍

ପରମାଣୁ ଅସ୍ତ୍ରର ଭୟାବହତା ଦୂର କରି କରି ଗୁଟେ ସୁରକ୍ଷିତ ବିଶ୍ୱ ଗଠନ ଲାଗି ଆଏଜ୍ ପାଲନ୍ କରାଯାଉଛେ 'ପରମାଣୁ ପରୀକ୍ଷଣ ବିରୋଧୀ ଅନ୍ତର୍ଜାତୀୟ ଦିବସ' । ମାନବ ସମାଜ, ପରିବେଶ ଆଉ ପୃଥିବୀର୍ ସୁରକ୍ଷା ଲାଗି ପରମାଣୁ ଅସ୍ତ୍ରଶସ୍ତ୍ରର ପରୀକ୍ଷଣକେ ପୁରା ପୁରି ବନ୍ଦ୍ କର୍ବାର୍ ଲାଗି ସଚେତନତା ସୃଷ୍ଟି କର୍ବାର୍ଟା ଇ ଦିବସ୍ର ଉଦ୍ଦେଶ୍ୟ ଆଏ । ୨୦୦୯

ଡିସେମ୍ବର ୨ ତାରିଖଥି ଜାତିସଂଘ ସାଧାରଣ ସଭା ନ ଇ ଦିବସ ପାଳନ ଲାଗି ନିଷ୍ପତି ହେଇଥିଲା ।

ଅଂଶୀଦାର ପରାମର୍ଶ କର୍ମଶାଳା ଆର୍‌ଏନ୍‌ୟୁ/ କଟକ୍

ବୟନଶିଳ୍ପର୍ ବିକାଶ୍ ଲାଗି ବଲାଙ୍ଗିର୍ ଠାନେ ଅଂଶୀଦାର୍ ପରାମର୍ଶ କର୍ମଶାଳା ହେଇଯାଇଛେ । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ବୟନଶିଳ୍ପର ବିକାଶ ଲାଗି କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜନା ବାବ୍‌ଦେ ବିସ୍ତାର୍ ଭାବେ ଆଲୋଚନା କରାଯାଇଥିଲା । କର୍ମଶାଳାଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଆଉ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଲକ୍ଷ୍ମଣ ବାଗ୍ ଯୋଗ ଦେଇଥିଲେ ।

ଝାର୍‌ସୁଗୁଡ଼ା- ଟାସ୍କଫୋର୍ସ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଠାନେ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ଆଉ ହାଇୱେ ସୁରକ୍ଷା ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସଡ଼କ ଦୁର୍ଘଟଣା କମାବାର୍ ଟ୍ରାଫିକ୍ ବ୍ୟବସ୍ଥାକେ ବର୍‌କସ୍ କରବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ପାଣିପାଗ/ ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ପଶ୍ଚିମବଙ୍ଗ୍, ବାଂଲାଦେଶ୍ ସମୁଦ୍ରଖଁଡ଼ି ନ ହେଇଥିବା ଘୂର୍ଣ୍ଣିବଳୟ ଅଏତ୍‌କା ଘନୀଭୂତ ହେଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ପଶ୍ଚିମବଙ୍ଗ୍ ଆଉ ଉତର୍ ଓଡ଼ିଶା ସମୁଦ୍ରଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ବାଲେଶ୍ୱର୍, ଭଦ୍ରକ୍, ମୟୁର୍‌ଭଞ୍ଜ୍ ଆର୍ କେନ୍ଦ୍ରପଡ଼ା ଜିଲ୍ଲା ନ ଜବର୍‌ନୁ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।